## ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ଆଜି ବଳିଆପଶିରେ ୬ଷ୍ଠ ଗ୍ରାମସଭା

ଝୁମ୍ପୁରା, ୧୪।୪(ସମିସ): କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ବୁଧବାର ବଳିଆପଶି ଗ୍ରାମରେ ଅନୁଷ୍ଠିତ ହେବ ୬ଷ୍ଠ ଗ୍ରାମସଭା। ଟେଂଗଣା ଗ୍ରାମପଞ୍ଚାୟତ ବଳିଆପଶି ଗ୍ରାମର ଦରବାର ଚତୁରା ପଡିଆରେ ସକାଳ ୯ଟାରେ ଗ୍ରାମସଭା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଗ୍ରାମର ୭୬.୮୯୦ ଏକର ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରାଯିବ। ପାଟଣା ବ୍ଲକର ଅଧିକାରୀମାନେ ଉପସ୍ଥିତ ରହିବା ପାଇଁ ପାଟଣା ବିଡିଓ ମାନସ ଦଣ୍ଡପାଟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୃଙ୍ଖଳିତ ଭାବେ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ବନ୍ଦୋବସ୍ତ କରାଯାଇଛି। ଗତ ଡିସେମ୍ବର ୧୭ ତାରିଖରେ ଟେଂଗଣା ପଞ୍ଚାୟତ ଡୁଙ୍ଗୁରାଜାଲଶିଠାରେ ପ୍ରଥମ ଗ୍ରାମସଭା ଶେଷ ହୋଇଥିବା ବେଳେ ଦ୍ୱିତୀୟ ଗ୍ରାମସଭା ଜାନୁଆରୀ ମାସ ୨୦ ତାରିଖରେ ବାରଡାଙ୍ଗୁଆ ଗ୍ରାମରେ ଏବଂ ଫେବୃଆରୀ ୨୦ ତାରିଖରେ ୩ୟ ଗ୍ରାମସଭା ରେଙ୍ଗାଲବେଡାଠାରେ ଓ ମାର୍ଚ୍ଚ ୨୦ ତାରିଖରେ ଧନୁର୍ଜୟପୁରଠାରେ ଚତୁର୍ଥ ଗ୍ରାମସଭା, ମାର୍ଚ୍ଚ ୩୧ ତାରିଖରେ ଅଙ୍ଗିକଳାଠାରେ ସଫଳତାର ସହ ଶେଷ ହୋଇଥିଲା। ଏଥିପାଇଁ ପାଟଣା ବ୍ଲକ ଟେଂଗଣା ପଞ୍ଚାୟତର ୮ଟି ଗାଁ ଏବଂ ଜମ୍ବୁନାପଶି ପଞ୍ଚାୟତର ୪ଟି ଗାଁ, ଏହିପରି ସମୁଦାୟ ୧୨ଟି ଗାଁରେ ୨ହଜାର ୪ଶହ ୬୬ଏକର ଜମି ଅଧିଗ୍ରହଣ କରାଯିବ। ଅଙ୍ଗିକଳା ଗ୍ରାମର ଏକର ୭୬.୮୯୦ ଏକର ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଗ୍ରାମସଭାରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯିବ।

# ବିଦ୍ୟୁତ୍ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ତେଲକୋଇ, ୧୪।୪(ସମିସ): ବର୍ଷ ବର୍ଷ ଧରି ତେଲକୋଇର ବିଭିନ୍ନ ପଞ୍ଚାୟତ ବିଦ୍ୟୁତ ସମସ୍ୟାରେ ଯୁଝି ହେଉଥିବା ବେଳେ ବିଭିନ୍ନ କାରଣ ଦେଖାଇ ଟିପିଏନଓଡିଏଲ ରାତ୍ର ସମୟରେ ବିଦ୍ୟୁତ କାଟ କରୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ମଞ୍ଚ ପକ୍ଷରୁ ରାତି ସମୟରେ ୨୧ ପଞ୍ଚାୟତରେ ଲୋକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ବିଦ୍ୟୁତ କାଟ ନକରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରାଯାଇଛି। ସୂଚନାରୁ ପ୍ରକାଶ, ବର୍ଷକୁ ୧୨ ମାସ ପ୍ରତ୍ୟେକ ଦିନ ରାତି ୧୧ଟାରୁ ସକାଳ ପର୍ଯ୍ୟନ୍ତ ୨୧ଟି ପଞ୍ଚାୟତରେ ବିଦ୍ୟୁତ କାଟ କରୁଛି ଟିପିଏନଓଡିଏଲ। ବିଗତ ଦିନରେ କେନ୍ଦୁଝରସ୍ଥିତ ପଳାଶପଙ୍ଗା ଗ୍ରିଡରୁ ତେଲକୋଇକୁ ୩୩କେଭି ବିଦ୍ୟୁତ ଯୋଗାଣ ହେଉଥିଲା। ସରକାରଙ୍କ ପକ୍ଷରୁ ଏକ ୨୨୦/୩୩ କେଭି ଗ୍ରିଡ ତେଲକୋଇ ବ୍ଲକର ଗୋବାବନ୍ଧଠାରେ ଏବଂ ୩୩/୧୧କେଭି ସବଷ୍ଟେସନ ସିରିଗିଡାଠାରେ ସ୍ଥାପନ ହୋଇଥିଲା। ହେଲେ ୨୧ଟି ପଞ୍ଚାୟତରେ ବିଦ୍ୟୁତ କାଟ ଆରମ୍ଭ କଲା ଟିପିଏନଓଡିଏଲ। କଣ ପାଇଁ ବିଦ୍ୟୁତ କାଟ କରାଯାଉଛି ଟିପିଏନଓଡିଏଲ କୁ ପଚାରିଲେ ଡିଏଫଓଙ୍କ ନିର୍ଦ୍ଦେଶ ରହିଛି ବୋଲି କହି କଥାକୁ ଏଡାଇ ଯାଉଥିଲେ। ପଡୋଶୀ ଜିଲ୍ଲା ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାରେ ଅଧିକ ହାତୀ ଥିବା ବେଳେ ବିଦ୍ୟୁତ ଆଘାତରେ ଅଧିକ ହାତୀଙ୍କ ମୃତ୍ୟୁ ଘଟୁଛି। କିନ୍ତୁ ସେଠାରେ ବିଦ୍ୟୁତ କାଟ ହେଉନଥିବା ବେଳେ ଏଠି ଜାଣିଶୁଣି ଆଦୀବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଦ୍ୟୁତ କାଟ କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି।

## ବାତୋରେ ସତ୍ୟନାରାୟଣ ପାଲା ଉଦ୍‌ଯାପିତ

ଆନନ୍ଦପୁର, ୧୪।୪ (ସମିସ): ବାତୋ ବକୁଳି ମଠରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ତିନି ଦିନ ଧରି ଚାଲିଥିବା ଷୋଡଶ ବାର୍ଷିକ ସତ୍ୟନାରାୟଣ ପାଲା ଉଦଯାପିତ ହୋଇଯାଇଛି। ବେଷ୍ଟ, ନୟାଗଡ଼ର ଗାୟିକା ବାଗ୍ମୀ ବାଣୀ ସୁଶ୍ରୀ ଉର୍ମିଳା ସାହୁ ଓ ସାଥୀ ପାଲା ପରିବେଷଣ କରିଥିଲେ। ବାତୋର ପ୍ରାକ୍ତନ ସରପଞ୍ଚ ବଲ୍ଲଭ ଚରଣ ସାହୁ ମୁଖ୍ୟଅତିଥି, କୁଶ ପରିଡା, ଚନ୍ଦ୍ରମଣି ମାଝୀ, ଚିନ୍ତାମଣି ନାୟକ ସମ୍ମାନିତ ଅତିଥି ଓ ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶତାଧିକ ପାଲାପ୍ରେମୀ ଯୋଗ ଦେଇ ଗାୟିକାଙ୍କ ବାର ମାସି ଗୀତ, କୋଇଲି ଗୀତରେ ବିଭୋର ହୋଇଥିଲେ। ପୂଜକ ପଦ୍ମନାଭ ଦାସ, ମୁରଲୀ ପରିଡା, କୋଦଣ୍ଡଧର ଶା ସହଯୋଗ କରିଥିଲେ। ବାତୋ କରଡାପାଳ, ଗୋଡ଼ିଉପର, ଅଞ୍ଜିରା, ମଧୁକେଶରି, ପରମାନନ୍ଦପୁର, ଫତେଇପୁର, ପନଚରା, ପଣ୍ଡୁଆ, ସାଇଙ୍କୁଳ, ଅତା, ତମ୍ପୋ, ଲୁଣିଆ ପାଟଣା, ଉଲ୍ଲୋଳ, ନୟାଗଡ଼, ବେଲବାହାଳି, ଜଳସୁଆଁ ଆଦି ଗ୍ରାମର ପାଲାପ୍ରେମୀ ଯୋଗ ଦେଇଥିଲେ। ଗାୟକ ବଟକୃଷ୍ଣ ଚକ୍ର ସଂଯୋଜନା କରିଥିଲେ।

## ପଣ୍ଡିତ ନାରାୟଣ ଷଡ଼ଙ୍ଗୀଙ୍କ ପରଲୋକ



ଆନନ୍ଦପୁର, ୧୪।୪(ସମିସ): ପଣ୍ଡିତ ତଥା ସମାଜସେବୀ ନାରାୟଣ ଷଡ଼ଙ୍ଗୀଙ୍କ (୯୭) ପରଲୋକ ଘଟିଛି। ସ୍ୱର୍ଗତ ଷଡ଼ଙ୍ଗୀ ସ୍ଥାନୀୟ ଅଞ୍ଚଳରେ ପୂଜାପାଠ କରି ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିଲେ। ସେ କିଛିଦିନ ହେବ ରକ୍ତଚାପ ଓ ବହୁମୂତ୍ର ରୋଗରେ ପୀଡ଼ିତ ଥିଲେ। ଆଖପାଖର ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକ ବ୍ୟକ୍ତ କରିବା ସହିତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ଶଯ୍ୟା ନିକଟରେ ପୁତ୍ର, ପୁତ୍ରବୋହୂ, ନାତିନାତୁଣୀ, ପରିବାରବର୍ଗ ଉପସ୍ଥିତ ଥିଲେ।

## ଚୋରା ଲୁହା ପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା, (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଯୋଡ଼ା ମୁଖ୍ୟରାସ୍ତାରୁ ବିଚାକୁଣ୍ଡି ନିମନ୍ତେ ଯାଇଥିବା ରାସ୍ତାରୁ ଯୋଡ଼ା ପୁଲିସ ଚୋରା ଚାଲାଣ ହେଉଥିବା ଲୁହାପଥର ବୋଝେଇ ଟ୍ରକକୁ ଜବତ କରିଛି। ଅତର୍କିତ ଭାବେ ଚଢ଼ଉ କରିଥିଲା ବେଳେ ଟ୍ରକ ଚାଳକ ଖସି ଯାଇଥିବା ଜଣାପଡ଼ିଛି। ପୁଲିସ ଏନେଇ ଅଧିକ ତଦନ୍ତ ଚଳାଇଛି। ଖଣି ଅଞ୍ଚଳ ଯୋଡ଼ାରେ ଦିନକୁ ଦିନ ଖଣିଜ ଚୋରା କାରବାର ବୃଦ୍ଧି ପାଇବାରେ ଲାଗିଛି। ପୁଲିସ, ବନ ବିଭାଗ, ଖଣି ବିଭାଗ ପାଟ୍ରୋଲିଙ୍ଗ ଜରିଆରେ ଅନେକ ସମୟରେ ଖଣିଜ ଉତ୍ତୋଳନ କିମ୍ବା ବୋଝେଇ ହେଉଥିବା ଅଥବା ଖଣିଜ ଚୋରା ଚାଲାଣ ବେଳେ ଧରପଗଡ଼ ଜାରି ରଖିଥିଲେ ସୁଦ୍ଧା ଖଣିଜ ଚୋରିକୁ ସମ୍ପୂର୍ଣ୍ଣ ବନ୍ଦ କରିବାରେ ବିଫଳ ହୋଇଛି।

## ପରକୀୟା ପ୍ରୀତି ସନ୍ଦେହରେ ପୁରୁଷ ବନ୍ଧୁ ଅଟକ

କୁଳିଅଣା,୧୪।୪ (ସମିସ): ପରକୀୟା ପ୍ରୀତି ଅଭିଯୋଗରେ ଗ୍ରାମର କଙ୍ଗାରୁ କୋର୍ଟରେ ପୁରଷ ବନ୍ଧୁ ସହିତ ମହିଳାଙ୍କୁ ୩୦ ଘଣ୍ଟାରୁ ଅଧିକ ସମୟ ଅଟକ ରଖାଯାଇଥିଲା। ଚାନ୍ଦୁଆ ଥାନା ଅନ୍ତର୍ଗତ ଭୂୟାଁ ଘୋଡ଼ା ଗ୍ରାମର ବୋବାଲ ଛକ ନିକଟରେ ଭୋଲା ବାରିକଙ୍କୁ ସେହି ଗ୍ରାମର ଜଣେ ବିବାହିତ ଆଦିବାସୀ ମହିଳା ସହିତ ପ୍ରେମ ହୋଇଥିଲା। ଦୁହେଁ ବିବାହିତ ହୋଇଥିବାବେଳେ ମହିଳା ଜଣଙ୍କ ତିନୋଟି ସନ୍ତାନର ଜନନୀ ଅଟନ୍ତି। ରବିବାର ରାତିରେ ଭୋଲା ମହିଳାଙ୍କୁ ଦେଖା କରିବାକୁ ଯାଇଥିଲେ। ମହିଳା ତାଙ୍କୁ ନେଇଯିବାକୁ ଜିଦ୍ କରିଥିଲେ। ମୁଁ ଗାଡି ନେଇକି ଆସେ ନେଇଯିବି। ମାତ୍ର ସେ ଫେରିନଥିଲେ। ଏପଟେ ମହିଳା ଦୀର୍ଘ ସମୟ ଅପେକ୍ଷା କରିଥିଲେ ଅଭିଯୁକ୍ତ ଦେଖାକରି ଆସି ନିଘୋଡ ନିଦ୍ରାରେ ନିଜ ଦୋକାନ ଘରେ ଶୋଇ ପଡିଥିଲା। ଏପଟେ ବିଳମ୍ବ ହେବାରୁ ମହିଳାଙ୍କ ପରିବାର ଲୋକ ଖୋଜା ଖୋଜି ଆରମ୍ଭ କରିଥିଲେ। ମହିଳା ଘରକୁ ଫେରିବା ପରେ ପରିବାର ଲୋକେ ପଚାରିବାରୁ ସବୁ ସତ କଥା କହିଥିଲେ। ଗ୍ରାମବାସୀ ଅଭିଯୁକ୍ତଙ୍କୁ ଡାକି ଆଣି ମହିଳା ସହିତ ଅଟକ ରଖି କଙ୍ଗାରୁ କୋର୍ଟ ଚଳାଇଥିଲେ। କଙ୍ଗାରୁ କୋର୍ଟ ରେ ଦୀର୍ଘ ୩୦ ଘଣ୍ଟାରୁ ଅଧିକ ସମୟ ଧରି ଅଟକ ରଖିବା ପରେ ମଧ୍ୟ କୈଣସି ସମାଧାନ ହୋଇପାରିନଥିଲା। ଚାନ୍ଦୁଆ ପୁଲିସକୁ ମଧ୍ୟ ଗ୍ରାମବାସୀ ହସ୍ତକ୍ଷେପ କରିବାକୁ ଦେଇନଥିଲେ। ପରେ ବାରିପଦା ଉପଖଣ୍ଡର ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ଓ ଚାନ୍ଦୁଆ ପୁଲିସଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ସହିତ ଆସି ଅଭିଯୁକ୍ତ ପୀଡ଼ିତାଙ୍କ ସମେତ ୧୫ ଗ୍ରାମବାସୀଙ୍କୁ ଉଠାଇ ନେଇଥିଲେ। ପରେ ଅଟକ ଯୁବକ ବାପାଙ୍କ ଲିଖିତ ଅଭିଯୋଗ ପରେ ଘଟଣାରେ ସମ୍ପୃକ୍ତ ସୁଶୀଲ ହେମ୍ବ୍ରମ, ମାସାଙ୍ଗ ହାଁସଦା, ରାଜାରାମ ମୁର୍ମୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତି ବ୍ୟକ୍ତିଙ୍କ ଗିରଫ ସଂଖ୍ୟା ବୃଦ୍ଧି ହୋଇପାରେ।

## ସିଦ୍ଧ ମହାବୀର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବେତନଟୀ,୧୪।୪(ସମିସ): ବେତନଟୀ ବ୍ଲକ ଅଧୀନ କଦଳିଆ ଗ୍ରାମର ସିଦ୍ଧ ମହାବୀର ପୀଠରେ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଧାର୍ମିକ ଉତ୍ସାହ ଓ ଭକ୍ତିମୟ ପରିବେଶ ମଧ୍ୟରେ ଶେଷ ହୋଇଛି। ଏହି ମହାଯଜ୍ଞ କର୍ମକାଣ୍ଡ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ରଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ଏହି ଆଧ୍ୟାତ୍ମିକ ମହୋତ୍ସବରେ ଅଙ୍କୁରାରୋପଣ, କଳସ ଯାତ୍ରା, ଶ୍ରୀକ୍ଷେତ୍ରରୁ ଆସିଥିବା ସନ୍ତଙ୍କ ଦ୍ୱାରା ୧୦୮ ହନୁମାନ ଚଳିଶା ପାଠ, ସୂର୍ଯ୍ୟପୂଜା, ମହାବୀରଙ୍କ ବିଶେଷ ଉପଚାର ପୂଜା ଓ ଗୋ-ପୂଜନ ଭଳି ବିଭିନ୍ନ ବୈଦିକ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ସାଧୁ ବିଜୟ କୁମାର ବ୍ରହ୍ମଚାରୀ ଓ ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଦେବୀ ଆଧ୍ୟାତ୍ମିକ ଉପଦେଶ ଦେଇ ଭକ୍ତଙ୍କୁ ଧର୍ମମାର୍ଗରେ ପ୍ରେରିତ କରିଥିଲେ। ଓଡ଼ିଶା ବ୍ରାହ୍ମଣ ମହାସଂଘ ସଭାପତି ଡ. ସଦାନନ୍ଦ ଦୀକ୍ଷିତଙ୍କ ସହ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

# କେଶଦୁରାପାଳରେ କଣ୍ଟାଫୋଡ଼ା ଯାତ୍ରା



ଆନନ୍ଦପୁର, ୧୪।୪ (ସମିସ): ସଂସ୍କୃତି ଏବଂ ପରମ୍ପରାରେ ଦିଅଁ ଦେବତାଙ୍କ ପ୍ରତି ଲୋକଙ୍କ ପ୍ରଗାଢ ବିଶ୍ୱାସକୁ ନେଇ କଣ୍ଟାଫୋଡା ଯାତ୍ରା ପଣା ସଂକ୍ରାନ୍ତିର ପାଳନ ହୋଇଆସୁଛି। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ କେଶଦୁରାପାଳ ଗ୍ରାମର କଣ୍ଟାଫୋଡ଼ା ଯାତ୍ରା ଏକ ନିଆଁରା ଅନୁଭୂତି। ଗ୍ରାମର ଗ୍ରାମ ଦେବତୀ ମା'ମଙ୍ଗଳାଙ୍କ ପୀଠରେ କେଉଁ ଆଦିମ କାଳରୁ ଏହି କଣ୍ଟା ଫୋଡା ଯାତ୍ରା ପାଳିତ ହୋଇଆସୁଛି। ପୂର୍ବଦିନ ଗ୍ରାମଦେବତୀଙ୍କ ନିକଟରେ ବିଞ୍ଝୁଣି ଓଷା ପାଳିତ ହୋଇଥାଏ। ସଂକ୍ରାନ୍ତିରେ ଶ୍ରଦ୍ଧାଳୁମାନେ ଉପବାସ ବ୍ରତ ରଖି ନିଜ ପରିବାରର ତଥା ଅଞ୍ଚଳର ମଙ୍ଗଳ କାମନା କରି ଏହି ଓଷା ପାଳନ କରିଥାନ୍ତି। ସକାଳୁ ମା'ଙ୍କୁ ଦେହୁରୀ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରି ଭୋଗ ଲଗାଇଥାନ୍ତି। ମା' କାଳିସୀ ରୂପରେ ଆବିର୍ଭାବ ହୋଇ ଭକ୍ତମାନଙ୍କ ସମସ୍ୟାର ସମାଧାନ ବାଟ କହିଥାନ୍ତି। ଏହି ଓଷାର ମୁଖ୍ୟ ଆକର୍ଷଣ ହେଲା କଣ୍ଟା ଫୋଡା କାର୍ଯ୍ୟକ୍ରମ। ବିଭିନ୍ନ ବେଶରେ ସଜ୍ଜିତ ହୋଇ ପାଟୁଆମାନେ ଦିନବେଳା ନିଜ ଜିଭରେ ଓ ରାତିରେ ପିଠିରେ କଣ୍ଟା ଫୋଡି ଗ୍ରାମ ପରିକ୍ରମା କରିଥାନ୍ତି।

## ମା' ଖଣ୍ଡୁରୀ ପୀଠରେ ଚଇତି ମେଳା

ଆନନ୍ଦପୁର, ୧୪।୪(ସମିସ): ଘଷିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବଡପଦନା ଗ୍ରାମର ମା' ଖଣ୍ଡୁରୀ ପୀଠରେ ୧୭ତମ ବାର୍ଷିକ ଚଇତି ମେଳା ପଣା ସଂକ୍ରାନ୍ତି ଦିନଠାରୁ ଧାର୍ମିକ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି। ଏହି ମେଳା ୯ ଦିନ ଧରି ଚାଲିବ। ଗ୍ରାମର ମୁଖ୍ୟକର୍ତ୍ତା ଧନେଶ୍ୱର ମହାରଣା ପୋଖରୀରୁ ଜଳକଳସ ଆଣି ପୀଠରେ ସ୍ଥାପନ କରିଥିଲେ। ନିତ୍ୟ ପୂଜକ ଦେହୁରୀ ମୁଟୁ ଗୁମାନ ମା'ଙ୍କୁ ସ୍ନାନାଦି ପରେ ପୂଜା ଆରମ୍ଭ କରି ପଣା ଲାଗି କାର୍ଯ୍ୟ ସମ୍ପାଦନ କରିଥିଲେ। ଦେହୁରୀ ବାବୁଲି ଗୁମାନ, ବୁଟୁ ଗୁମାନ, ପଦନ ଗୁମାନ ଓ ଚନ୍ଦରା ଗୁମାନ ଭୋଗ ଲଗାଇଥିଲେ। ବ୍ରାହ୍ମଣ ଗୋପାଳ ନନ୍ଦ ଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିଲେ। ବଡପଦନା ଗ୍ରାମ ସହିତ ସୁଆଁପଦା, ସାନପଦନା, ରାମଚନ୍ଦ୍ରପୁର, ଗୋଦରାପାଳ, ଓସ୍ତପାଳ, ଆଇଚିପୁର ଓ କଡମା, ନୂଆଗାଁ, ଜରଦା ଆଦି ଗ୍ରାମର ମହିଳା ଭକ୍ତମାନେ ଦୀପଜାଳି ଭୋଗ ଲଗାଇ ମନସ୍କାମନା ରଖିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତଙ୍କୁ ଦହିପଣା ସହିତ ଅନ୍ନଖେଚୁଡି ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, ଓଡ଼ିଶୀ ନୃତ୍ୟ, ମେଲୋଡି, ଡ୍ୟାନ୍ସଡ୍ୟାନ୍ସ କାର୍ଯ୍ୟକ୍ରମ ରହିଛି। ମେଳାରେ ମିନାବଜାର ସହ ଦୋଳି, ଫାଷ୍ଟଫୁଡ଼ ଷ୍ଟଲ, ବିଭିନ୍ନ ପ୍ରକାର ଷ୍ଟେସନାରୀ ଦୋକାନ ସହିତ ଘରକରଣା ଦୋକାନ ଲାଗିଛି। ଶାନ୍ତିଶୃଙ୍ଖଳାର ସହିତ ମେଳାର ଭରପୂର ମଜା ପାଇଁ ବଡପଦନା ଗ୍ରାମବାସୀଙ୍କ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ଜଗନ୍ନାଥ ମଲ୍ଲିକ ଜିଲ୍ଲା ଏସ୍‌ସି ମୋର୍ଚ୍ଚା ସଭାପତି

ବଡ଼ସାହି,୧୪।୪(ସମିସ): ଜିଲ୍ଲା ଏସସି ମୋର୍ଚ୍ଚାର ସଭାପତି ଭାବେ ୨୪ନଂ ଜିଲ୍ଲା ପରିଷଦ ସଭ୍ୟ ଜଗନ୍ନାଥ ମଲ୍ଲିକ ମନୋନୀତ ହୋଇଥିବା ଜଣାପଡିଛି। ସଭାପତି ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ଜିଲ୍ଲାର ଅନେକ ସଂଗଠନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଶ୍ରୀଯୁକ୍ତ ମଲ୍ଲିକ ତାଙ୍କ ପ୍ରତିକ୍ରିୟାରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ୍, ବିଜେପିର ଜିଲ୍ଲା ସଭାପତି, ଜିଲ୍ଲାର ସମସ୍ତ ବିଧାୟକଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଦଳ ତାଙ୍କୁ ବିଶ୍ୱାସ କୁ ନେଇ ଯେଉଁ ଗୁରୁଦାୟିତ୍ୱ ପ୍ରଦାନ କରିଛି, ତାକୁ ସୁଚାରୁରୂପେ ସମ୍ପାଦନା କରିବାକୁ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି।



## ଜିଲ୍ଲାସ୍ତରୀୟ ଆମ୍ବେଦକରଙ୍କ ଜୟନ୍ତୀ




ବାରିପଦା, ୧୪।୪(ସମିସ): ଭାରତୀୟ ସମ୍ବିଧାନର ଜନକ, ଭାରତରତ୍ନ ବାବା ସାହେବ ଡ ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୫ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୁଲ୍ୟରେ ବାରିପଦା ପୌରପାଳିକା ସହଯୋଗରେ ସମ୍ପନ୍ନ ହୋଇଛି। ମଙ୍ଗଳବାର ସକାଳ ୮ ଘଟିକା ସମୟରେ ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡସ୍ଥ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଉକ୍ତ ସ୍ଥାନରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଠାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ମନ୍ତ୍ରୀ ଡା ମହାପାତ୍ର ବାବା ସାହେବଙ୍କ ଜୟନ୍ତୀ ଅବସରରେ ଆୟୋଜିତ ବିଭିନ୍ନ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ସାଧାରଣ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ନିର୍ବାହୀ ଅଧିକାରୀ ବାରିପଦା ପୌରପାଳିକା ଦେବୀପ୍ରସାଦ ରାଉତ, ୧୫ନଂ ୱାର୍ଡ କାଉନସିଲର ନିରୁପମା ମହାନ୍ତି, ସମାଜସେବୀ ଭାଗବତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର ମୁନ୍ଦୁୟା ପରିଚାଳନା କରିଥିଲେ। ଏହି ସମାରୋହରେ ବିଭିନ୍ନ ବିଭାଗୀୟଅଧିକାରୀ, ଶିକ୍ଷାବିତ୍, ସମାଜସେବୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

● କୁଶଳେଶ୍ୱର କଲେଜ ପ୍ଲାଟିନମ୍ ଜୁବିଲି

## 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ ବନ୍ଦକୁ ନେଇ ଅସନ୍ତୋଷ

ଆନନ୍ଦପୁର, ୧୪।୪ (ସମିସ): ଦେଓଗାଁ କୁଶଳେଶ୍ୱର ଉଚ୍ଚବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ ଜୁବିଲି ଉତ୍ସବରେ ରବୀନ୍ଦ୍ରନାଥ ବଳ, ଜୁବିଲିର ସାଂସ୍କୃତିକ ସମ୍ପାଦକ ତଥା ସଙ୍ଗୀତ ଗୁରୁ ଭାବେ ଦୀର୍ଘ ୩ ମାସ ପୂର୍ବରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ "ବନ୍ଦେ ଉତ୍କଳ ଜନନୀ' ଦେଶାତ୍ମବୋଧକ ସ୍ୱାଗତ ସଙ୍ଗୀତ ପରିବେଷଣ ପାଇଁ ପ୍ରସ୍ତୁତି ହୋଇଥିଲା। ସଭା ପୂର୍ବରୁ ପ୍ରାୟ ୩ଘଣ୍ଟା ପ୍ରଚଣ୍ଡ ଖରାରେ ଠିଆ ହୋଇଛାତ୍ର ଛାତ୍ରୀମାନେ ଆଗ୍ରହ ଓ ଉଦ୍ଦୀପନାର ସହ ଅପେକ୍ଷା କରିଥିଲେ। ସଭାର ଏଜେଣ୍ଡାରେ ସଂଗୀତ ପରିବେଷଣ ସ୍ଥାନ ପାଇଥିବା ବେଳେ ହଠାତ ଉକ୍ତ ସ୍ୱାଗତ ସଙ୍ଗୀତକୁ ଗାନ କରାଯାଇ ପାରିବ ନାହିଁ ବୋଲି ମଞ୍ଚରୁ ସଂକେତ ଆସିଥିଲା। କାହିଁକି ଏବଂ ଏ ନିଷ୍ପତ୍ତି କିଏ ନେଲା କୌଣସି ସୂଚନା ମିଳି ନା ଥିଲା। ଏଣୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ବନ୍ଦେ ଉତ୍କଳ ଜନନୀ ପରି ପବିତ୍ର ରାଜ୍ୟ ସଂଗୀତକୁ ଅଣଦେଖା କରି ଅବମାନନା କରିବା ପଛରେ ଥିବା ବ୍ୟକ୍ତି କିଏ ଏହା ପ୍ରଶ୍ନବାଚୀ। ପୁନଃ ଅପେକ୍ଷାରତ ଛାତ୍ରଛାତ୍ରୀମାନଙ୍କ ମନରେ ଗଭୀର ଆଘାତ ଲାଗିଥିଲା ଏବଂ ଦୁଃଖରେ ମ୍ରିୟମାଣ ହୋଇ ସଭା ସ୍ଥଳ ପରିତ୍ୟାଗ କରିଥିଲେ। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। କାହା ପ୍ରରୋଚନାରେ ଏପରି ହୀନ ଚକ୍ରାନ୍ତ କରାଯାଇଛି ତାହାର ତଦନ୍ତ ପାଇଁ ଶ୍ରୀ ବଳ ଦାବି କରିଛନ୍ତି।

## ଟାଟା ମ୍ୟାଜିକ୍ ଓ କାର୍ ଧକ୍କା, ଜଣେ ମୃତ

ରାଇରଙ୍ଗପୁର,୧୪।୪(ସମିସ): ବହଳଦା ଅଞ୍ଚଳରେ ଟାଟା ମ୍ୟାଜିକ ଓ କାର୍ ମଧ୍ୟରେ ଧକ୍କା ହେବାରୁ ଜଣକର ମୃତ୍ୟୁ ହୋଇଛି। ମୃତକ ଜଣକ ତିରିଂ ଥାନା ଅନ୍ତର୍ଗତ ପୋଡ଼ା ଗ୍ରାମର ମାଧବ ସୋରେନ। ସେ ଟାଟା ମ୍ୟାଜିକରେ ନିକଟସ୍ଥ ଗ୍ରାମରୁ ଘରକୁ ଫେରୁଥିବାବେଳେ ନିମଡ଼ିହି ଗ୍ରାମ ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଟାଟା ମ୍ୟାଜିକକୁ ଏକ ଦ୍ରୁତଗାମୀ କାର୍ ଆସି ଧକ୍କା ଦେଇଥିଲା। ସେ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଟ୍ରକ୍ ଧକ୍କାରେ ସାଇକଲ ଆରୋହୀଙ୍କ ମୃତ୍ୟୁ

ବେତନଟୀ, ୧୪।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଥାନା ଅନ୍ତର୍ଗତ ୧୮ ନମ୍ବର ଜାତୀୟ ରାଜପଥରେ ଏକ ଦୁର୍ଘଟଣା ଘଟିଛି। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗୌରାଙ୍ଗ ସାହୁଙ୍କ ଘର ସମ୍ମୁଖରେ ଆଜି ସନ୍ଧ୍ୟାରେ ଏକ ଟ୍ରକ ଜଣେ ସାଇକଲ ଆରୋହୀଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସାଇକଲ ଚାଳକ ହରିମନ ମହାନ୍ତ (୬୦) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ତୁରନ୍ତ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ହରିମନ ମହାନ୍ତ ବେତନଟୀ ଥାନା ଅଧୀନ ଦହିକୋଟି ଗ୍ରାମର ବାସିନ୍ଦା।

# ୱାଟ୍‌କୋର ଜଳଯୋଗାଣ ବନ୍ଦ, ଟ୍ୟାଙ୍କର ଭରସାରେ ଲୋକ



ଯୋଡ଼ା, ୧୪।୪(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଅଞ୍ଚଳର ବିଭିନ୍ନ ୱାର୍ଡରେ ଏବେ ଜଳ ସଙ୍କଟ ଦେଖିବାକୁ ମିଳିଛି। ମେଗା ୱାଟର ପ୍ରୋଜେକ୍ଟ ଜରିଆରେ ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପ୍ରାୟ ୪/୫ ଦିନ ହେବ ବନ୍ଦ ରହିଛି। ଲୋକମାନେ ଦୈନନ୍ଦିନ ଜୀବନରେ ଅସୁବିଧାରେ ପଡ଼ିଛନ୍ତି। ପାଣି ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ତହଲବିକଳ ଅବସ୍ଥାରେ ରହୁଛନ୍ତି ସ୍ଥାନୀୟ ନିବାସୀ। ଯୋଡ଼ା ଅବବାହିକାରେ ପ୍ରବାହିତ ସୁନା ନଦୀ ପାଣି ବ୍ୟବହାର ଯୋଗ୍ୟ ନ ଥିବା ବେଳେ ୱାଟକୋ ପକ୍ଷରୁ ଜଳ ଯୋଗାଣ ବନ୍ଦ ହେବା ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛନ୍ତି। ବିଶେଷକରି ଗ୍ରୀଷ୍ମ ଋତୁର ତାପମାତ୍ରା ବଢ଼ିବା ସହ ଜଳ ଆବଶ୍ୟକତା ବେଶି ହୋଇଥିବା ବେଳେ ଏହି ଯୋଗାଣ ବନ୍ଦ ହେବା ଲୋକଙ୍କ ଦୁଃଖକୁ ଦ୍ୱିଗୁଣ କରିଦେଇଛି। ମହିଳାମାନେ ଓ ଶିଶୁମାନେ ଦୂରଦୁରାନ୍ତରୁ ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି। ଟ୍ୟାଙ୍କର ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଏହା ସମୁଦ୍ରରେ ଶଙ୍ଖ ସଦୃଶ ପ୍ରମାଣିତ ହେଉଛି। ଟ୍ୟାଙ୍କର ଆସିଲେ ପାଣି ଛାଣିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ଲାଗି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ସ୍ଥାନେ ସ୍ଥାନେ ଲୋକ ଧାଡ଼ିରେ ଥିବା ବେଳେ ଟ୍ୟାଙ୍କରରୁ ପାଣି ସରି ଯାଉଥିବା ନେଇ ରମା ମଲିକ, ନିରଞ୍ଜନ ମୁଣ୍ଡା, ସୁଦାମ ପାତ୍ର, ପଙ୍କଜ ବିଶ୍ୱାଳ, ସାନି ସଣ୍ଡିଲ, ମିନା ମୁଣ୍ଡା, କମଳା ନାଏକ ଅଭିଯୋଗ କରିଛନ୍ତି। ଅନେକ ଅଞ୍ଚଳରେ ଟ୍ୟାଙ୍କର ସମୟରେ ପହଞ୍ଚୁ ନଥିବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଯଥାଶୀଘ୍ର ଏ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରିଥିବା ବେଳେ ୱାଟକୋ ଓ ପ୍ରଶାସନଙ୍କୁ ଏହି ଅବସ୍ଥା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ୱାଟକୋ ଅଧିକାରୀ କହିଛନ୍ତି ଯେ ଗୁରୁବେଡାଠାରେ ପାଇପ ଫାଟିଥିବା ଏବଂ ପାଣି ଫିଲଟର ହେବାରେ ମେସିନାରୀ ସମସ୍ୟା ଥିବା ହେତୁ ଜଳଯୋଗାଣ ବନ୍ଦ ଅଛି, ମରାମତି କାର୍ଯ୍ୟ ଚାଲିଛି ଖୁବ ଶୀଘ୍ର ପାନୀୟ ଜଳ ଯୋଗାଣ ବଳବତ୍ତର ରହିବ।

## ବାଇକ୍‌କୁ ପିଟିଲା କାର୍; ଜଣେ ଗୁରୁତର, ୨ ଆହତ

ମହୁଲଡିହା,୧୪।୪(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା-ଶରତ ରାସ୍ତାରେ ବାଇକ୍‌କୁ କାର୍ ଧକ୍କା ଦେବାରୁ ଜଣେ ଗୁରୁତର ଆହତ ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ଜରକ ପଞ୍ଚାୟତ ନୂଆପଡା ଗ୍ରାମର ମିହିର ନାଏକ, ବାଲେଶ୍ୱର ଜିଲ୍ଲା ଔପଦା ଥାନା ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମର ପିଣ୍ଟୁ ମିରିଡିଆ, ମୁନ୍ନା ଖଣ୍ଡଇ ବାଇକ ଯୋଗେ ଠାକୁରମୁଣ୍ଡା ଆସି ଘରକୁ ଫେରୁଥିବାବେଳେ ନୂଆସାହି ବାଙ୍କରେ ଭାରସାମ୍ୟ ହରାଇ ସମ୍ମୁଖରୁ ଆସୁଥିବା କାରକୁ ଧକ୍କା ଦେଇଥିଲେ। ଅଗ୍ନିଶମ ବାହିନୀ ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ପିଣ୍ଟୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

**କାକବନ୍ଧ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣା**

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ; ସ୍କୁଲ ପରିସରରେ ଉତ୍ତେଜନା

ରାସଗୋବିନ୍ଦପୁର,୧୪।୪ (ସମିସ):



ରାସଗୋବିନ୍ଦପୁର ବ୍ଲକ ଅଧୀନ କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟର ୧୫୨ ଜଣ ଛାତ୍ରୀଛାତ୍ର ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବାବେଳେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯିବା ସହ ରାସ୍ତାରୋକ କରାଯାଇଥିଲା। ଏଥିସହ ସ୍କୁଲ ପରିସରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ମୃତ ଛାତ୍ରୀଙ୍କ ଘର ନଳଗଜା ନୁଣଚାଟି ଗ୍ରାମରେ ହୋଇଥିବାବେଳେ ନଳଗଜା ନିକଟରେ ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାରୋକ କରାଯାଇଥିଲା।

ସେହିପରି କାକବନ୍ଧ ନିକଟରେ ମଧ୍ୟ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଶତାଧିକ ଲୋକ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ପଶି କାର୍ଯ୍ୟରତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ କୈଫତ ମାଗିବାକୁ ଚେଷ୍ଟା କରିଥିଲେ। ଉତ୍ତେଜନା ଏତେ ବଢ଼ିଯାଇଥିଲା ଯେ ଶିକ୍ଷକ ଶିକ୍ଷୟିତ୍ରୀ ମାଡ ଖାଇଥିବା ବେଳେ ପୁଲିସ ମଧ୍ୟ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ରାସଗୋବିନ୍ଦପୁର, ବେତନଟୀ ଓ ବଡ଼ସାହି ଥାନା ଅଧିକାରୀଙ୍କ ସହିତ ୩ ପ୍ଲାଟୁନ ପୁଲିସ ଫୋର୍ସ ମୃତୟନ ହୋଇଥିଲେ। ସ୍ଥିତି ଅଣାୟତ୍ତ ହେବାରୁ ଆଉ ଦୁଇ ପ୍ଲାଟୁନ ଫୋର୍ସ ମଗାଯାଇଥିଲା। ଏସଡିପିଓ ଓ ଥାନା ଅଧିକାରୀ, ରାସଗୋବିନ୍ଦପୁର ବିଡ଼ିଓ, ତହସିଲଦାର ଲୋକଙ୍କୁ ବୁଝାସୁଝା କରିଥିଲେ। ରାସଗୋବିନ୍ଦପୁର ଡାକ୍ତରଖାନାରେ ଏକ ଟିମ ରହି ଅସୁସ୍ଥ ଛାତ୍ରୀଙ୍କୁ ଚିକିତ୍ସା କରୁଥିବା ବେଳେ ପୁଣି ୪ଜଣ ଛାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଯାଇଛି। ଲୋକେ ରାସ୍ତାରେ ନିଆଁ ଜାଳି ବିକ୍ଷୋଭ କରିଥିବାବେଳେ ପରବର୍ତ୍ତୀ ସମୟରେ ଅତିରିକ୍ତ ଏସପି ଦୀପକ ଗୋଚ୍ଛାୟତ ପହଞ୍ଚିଥିଲେ। ଅପରାହ୍ନରେ ମୃତ ଛାତ୍ରୀଙ୍କ ମରଶରୀର ଆଶ୍ରମ ବିଦ୍ୟାଳୟରେ ପହଞ୍ଚିଥିବା ବେଳେ ମରଶରୀର ଗାଡିକୁ ଅଟକ ରଖି ରାସ୍ତାରେ ନିଆଁ ଜାଳି ପ୍ରତିବାଦ କରିବା ସହ କ୍ଷତି ପୂରଣ ବାବଦକୁ ୨୫ ଲକ୍ଷ୍ୟ ଟଙ୍କା ଦାବି କରାଯାଇଥିଲା। ପ୍ରଶାସନ ପକ୍ଷରୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକ ହଟିଥିଲା।

## କେଶନା ଗ୍ରାମରେ ହନୁମାନ ଜୟନ୍ତୀ



ଖୁଣ୍ଟ, ୧୪।୪(ସମିସ): ଶୁକ୍ଳି ବ୍ଲକର କେଶନା (ଘିଖଲି) ଗ୍ରାମର ହନୁମାନ ମନ୍ଦିର ପରିସରରେ ମହାବିଷୁବ ସଂକ୍ରାନ୍ତି ଓ ପ୍ରଭୁ ଶ୍ରୀହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ବଜରଙ୍ଗ କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦୮ ହନୁମାନ ଚାଳିଶା ପଠନ, ପୂଜାର୍ଚ୍ଚନା ଓ ହୋମଯଜ୍ଞାଦି ପରିଚାଳନା ନିମନ୍ତେ ପୂଜକ ବିଭୂତି ଭୂଷଣ ମିଶ୍ର (ପଟେଲ ନନା) ନିୟୋଜିତ ହୋଇଥିଲେ। କମିଟି ପକ୍ଷରୁ ରାଜେନ୍ଦ୍ର ମନ୍ତ୍ରୀ ଓ ଅଜିତ୍ ଘଡାଇ କର୍ତ୍ତା ଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସମସ୍ତ କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଗଡ଼ିଆମାଳରେ ହନୁମାନ ଜୟନ୍ତୀ

କୁଆମରା,୧୪।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତସ୍ଥ ଗଡିଆମାଳରେ ସଙ୍କଟ ମୋଚନ ହନୁମାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ପ୍ରଭୁ ହନୁମାନଙ୍କଠାରେ ପୂଜାର୍ଚ୍ଚନା ପାଇଁ ଦିନ ତମାମ ଭିଡ଼ ଲାଗି ରହିଥିଲା। ୧୦୮ ହନୁମାନ ଚାଳିଶା ସମ୍ପନ୍ନ ହେବା ସହ ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରଭୁଙ୍କ ସେବକ ସୁରେନ୍ଦ୍ର ନାଥ ବେହେରାଙ୍କ ତତ୍ତ୍ୱାବଧାନରେ ୪ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପ୍ରମୋଦ ମିଶ୍ର, ବସନ୍ତ କର ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ଅନନ୍ତ ବାସୁଦେବ ଶତପଥୀ ଚଣ୍ଡୀ ପାଠ କାର୍ଯ୍ୟ କରିଥିଲେ। ସେହିପରି ଖୁଣ୍ଟାରେ ହନୁମତ କୃପା ପରିଷଦ ଆନୁକୂଲ୍ୟରେ ପ୍ରଭୁ ହନୁମାନଙ୍କ ଜୟନ୍ତୀ, କୁଆମରା ପଞ୍ଚାୟତ କୁସୁମିଆ ଓ ଆରପଟା ପଞ୍ଚାୟତ ପାଳଶା, ଖୁଣ୍ଟା ବ୍ଲକ ଟିକରପଡାଠାରେ ମହାବୀରଙ୍କ ପାଳିତ ହୋଇଛି।

